ବିରୋଧ, ପ୍ରଶାସନ କଡ଼ା ପଦକ୍ଷେପ ନେବାରୁ ୧୯୯୮ ମସିହା ରଥଯାତ୍ରାଠାରୁ ଡାହୁକ ବୋଲିରେ ପରିବର୍ତ୍ତନ ଘଟିଛି । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ପୂର୍ବ ପ୍ରଚଳିତ ପରଂପରାକୁ ପରିହାର କରାଯାଇ ଡାହୁକ କଣ୍ଠରେ ଭାବଭକ୍ତି ପୂର୍ଣ୍ଣ, ଉତ୍ସାହ ସୃଷ୍ଟିକାରୀ ଚିତ୍ତାକର୍ଷକ ପଦ, ଢ଼ଗ ଢ଼ମାଳି ବୋଲା ଯାଉଛି । ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରାରେ ଦର୍ଶନାର୍ଥୀ ଭକ୍ତମାନଙ୍କ ମନପ୍ରାଣକୁ ସ୍ପର୍ଶ କଲାଭଳି ଭାବ ଭକ୍ତିପୂର୍ଣ୍ଣ 'ଡାହୁକ ବୋଲି' କିଭଳି ହେବା ଆବଶ୍ୟକ 'ରଥଯାତ୍ରା ବୋଲି' ପୁସ୍ତକରୁ ଉଦ୍ଧାର କରାଯାଇ ତା'ର ଦୁଇଟି ଉଦାହରଣ ଏଠାରେ ଦିଆଗଲା ।

(କ) ''ଆଙ୍ଗୁଠି ଭିତରେ ମଳି
ଭିତରେ ଭିତରେ ସଳା ସୁତର
ତୁଚ୍ଛାକୁ ଲକ୍ଷ୍ମୀ ଜଗନ୍ନାଥ କଳିରେ ।''

(ଖ) କୁକୁର ଲାଙ୍ଗୁଳ ବଙ୍କା
ଜଗା ବଳିଆଙ୍କୁ ମନ ଟେକିଦେଲେ
ମନ ନ ରହିବ ଆଉ ଶଙ୍କାରେ ।''

(ରଥଯାତ୍ରା ବୋଲି, ଶ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀଜଗନ୍ନାଥ ସମାଜ, ପାରାଦ୍ୱୀପ-୧୯୯୫, ପୃ-୧୩)

ବଡ଼ଦାଣ୍ଡ ଆଉ ଅତୀତ ଭଳି ଅନୁନ୍ନତ ହୋଇ ନାହିଁ । ସିଂହଦ୍ୱାରଠାରୁ ଗୁଣ୍ଡିଚା ଘର ପର୍ଯ୍ୟନ୍ତ(ବଡ଼ଦାଣ୍ଡ) ଜାତୀୟ ରାଜପଥ ଘୋଷିତ ହୋଇ ସମ୍ପୂର୍ଣ୍ଣ ପକ୍କା ହେଲାଣି । ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧି ଘଟିବା ସହିତ ଡାହୁକ ସେବାର ଆବଶ୍ୟକତା ଥିବାରୁ ଅଦ୍ୟାବଧି ରଥଯାତ୍ରାରେ ତାହା ପ୍ରଚଳିତ ହୋଇଚାଲିଛି ।

ଭି.ଆଇ.ପି. ରୋଡ଼
ଦରଜୀପୋଖରୀ ଛକ, ପୋଲିସ୍ ଲାଇନ୍, ପୁରୀ-୧

# ସିଂହଦ୍ୱାରର ସଙ୍ଗୀତ

**ଯୋଗେଶ୍ୱର ପ୍ରହରାଜ**



ତୋ ଆଖିର ଇନ୍ଦ୍ରନୀଳ ଅରଣ୍ୟ ଭିତରେ
ଲୁଚିଯାଏ ଅପରାହ୍ନର ସମ୍ପୂର୍ଣ୍ଣ ଗାମ୍ଭୀର୍ଯ୍ୟ
ତୁ ଯେଣୁ ଚକାଡୋଳା
ତୋ ଦେହ ଓ ଧମନୀରେ ଜ୍ୱାଳାର ମେଖଳା
ତୋ ଆଖିର କଳାଘୁମ ନଇ
ବନ୍ୟ ଓ ନିର୍ମୋକ

କୁଆଡ଼େ ନେଉଛୁ ମତେ ତତେ ଏକା ଜଣା
ମୁଁ ଜାଣିଲେ ଭୁଲିଯିବି ହେବି ବାଟବଣା
ତୋ ଆଖିର ଜ୍ୟୋସ୍ନା ତଳେ ସବୁଜ ପୃଥିବୀ
ଅନେକ ପ୍ରଶ୍ନର ସ୍ତୁପ
ଅପରାହ୍ନର ନିଶ୍ଚିହ୍ନ ପ୍ରତ୍ୟୟ
ତୁ କାଳ ଓ ମହାକାଳ
ତୋ ଆଖିର ସୂର୍ଯ୍ୟୋଦୟ
ଶୂନ୍ୟତାର ପରିଧିରେ ଜୀବନର ମୂଲ୍ୟବୋଧ
ଶ୍ରଦ୍ଧାର ଦୁଇଟି ହାତ ଶ୍ରଦ୍ଧାଳୁ ଚାହାଣି
ସ୍ୱପ୍ନ ସବୁ ଢାଳିଦିଏ ହୃଦୟର ଗଭୀର କୋଣରେ
ମଥା ନଇଁଯାଏ ।

ସୁଆର ସାହି, ପୁରୀ